## ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟୀ ବୈଠକ ।
## ଅଂଶୁଘାତର ମୁକାବିଲା ନିମନ୍ତେ ବ୍ୟାପକ ବ୍ୟବସ୍ଥା ସହ ସଜାଗ ରହିବାକୁ ଜିଲ୍ଲା ସ୍ତରୀୟ ଅଧିକାରୀମାନଂକୁ ଜିଲ୍ଲାପାଳଙ୍କ ପରାମର୍ଶ ।

ଅନୁଗୋଳ,ତା.୧୮.୩:- ଚଳିତ ଗ୍ରୀଷ୍ମ ଋତୁରେ ଅଂଶୁଘାତର ସଠିକ୍ ମୁକାବିଲା ଓ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ ଭାବେ କରିବା ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟୀର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ଅଂଶୁଘାତର ସଠିକ୍ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ସଜାଗ ରହିବା ସହ ନିଜ ନିଜ ଦାୟିତ୍ୱ ନିଷ୍ଠାର ସହ ନିର୍ବାହ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା କାର୍ଯ୍ୟାଳୟ ସମେତ ଜଳସେଚନ ଓ ଅଂଶୁଘାତ ସହ ଜଡିତ ସମସ୍ତ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ଯେଉଁଥିରେ ଗେଜେଟେଡ ଅଫିସରମାନେ ଦାୟିତ୍ୱ ନିର୍ବାହ କରିବେ । ସଂପ୍ରତିକ ପରିସ୍ଥିତିରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳ ଯୋଗାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବା ସହ ଜଳକ୍ଲିଷ୍ଟ ଅଂଚଳ ଗୁଡିକୁ ଚିହ୍ନଟ କରି ସେଠାରେ ତୁରନ୍ତ ଜଳ ଯୋଗାଇ ଦେବାକୁ ଜଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଶିଳ୍ପ ସଂସ୍ଥା ଗୁଡିକର କର୍ମକର୍ତ୍ତାମାନଂକୁ ପରାମର୍ଶ ଦେଇଛନ୍ତି । ଅଚଳ ହୋଇ ପଡିଥିବା ନଳକୂପ ଗୁଡିକୁ ତୁରନ୍ତ ଯୁଦ୍ଧକାଳିନ ଭିତିରେ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦିଆଯାଇଛି । ପାନୀୟ ଜଳ ଯୋଗାଣ କାର୍ଯ୍ୟକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ନିୟମିତ ସମୀକ୍ଷା କରାବା ସହ ସମସ୍ତ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ଆଗୁଆ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି । ଜଳାଭାବ ନିମନ୍ତେ ଆସୁଥିବା ଅଭିଯୋଗ ଗୁଡିକୁ ତୁରନ୍ତ ଗ୍ରହଣ କରି ୪୮ ଘଣ୍ଟା ମଧ୍ୟରେ ଏହାର ସମାଧାନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ପୌରାଂଚଳ, ଗ୍ରାମାଂଚଳ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ପାରିପାର୍ଶ୍ୱିକ ଅଂଚଳରେ ଜଳଛତ୍ର ଖୋଲିବା ସହ ଟ୍ୟାଂକର ମାଧ୍ୟମରେ ଜଳ ଯୋଗାଣ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ପରାମର୍ଶ ଦେଇଛନ୍ତି । ଗୋରୁହାଟ ଓ ଜଙ୍ଗଲ ମଧ୍ୟରେ ଗାଈ, ଗୋରୁ ଓ ବନ୍ୟଜନ୍ତୁମାନଙ୍କ ପାଇଁ ଆବଶ୍ୟକ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିୟନ୍ତ୍ରିତ ବଜାର କମିଟି, ପଶୁସଂପଦ ବିଭାଗ ଓ ବନ ବିଭାଗର କର୍ମକର୍ତ୍ତାଂକୁ ସେ ପରାମର୍ଶ ଦେଇଛନ୍ତି । ଗ୍ରୀଷ୍ମ ଋତୁରେ ନିରବଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ସେସୁର କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ବୈଠକରେ ସ୍ଥିର କରାଯାଇଛି । ଅନୁଗୋଳ ଜିଲ୍ଲାର ତାପମାତ୍ରା ବର୍ତ୍ତମାନ ୩୭.୭ ଡିଗ୍ରିରୁ ଅଧିକ ରହୁଥିବାରୁ ଆଗକୁ ଏହା ବୃଦ୍ଧି ହେବାର ସମ୍ଭାବନା ଥିବାରୁ ବ୍ୟାପକ ଜଳ ଯୋଗାଣ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ପ୍ରକାଶଥାଉକି, ଗତ ବର୍ଷ ଆଜିର ଦିନରେ ଅନୁଗୋଳର ସର୍ବନିମ୍ନ ୧୯° ତାପମାତ୍ରା ଓ ସର୍ବୋଚ୍ଚ ତାପମାତ୍ରା ୩୭.୬° ଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ୧୭ ତାରିଖରେ ସର୍ବନିମ୍ନ ୨୦° ଓ ସର୍ବୋଚ୍ଚ ୩୬.୬° ରହିଛି । ସେହିପରି ତାଳଚେରରେ ସର୍ବନିମ୍ନ ୨୧.୦୪° ଓ ସର୍ବୋଚ୍ଚ ୩୫.୦୫° ତାପମାତ୍ର ରହିଥିବାର ଜଣାପଡିଛି । ଜିଲ୍ଲାରେ ଥିବା ସମସ୍ତ ଜଳଉତ୍ସ ଗୁଡିକର ପୁନଃଉଦ୍ଧାର କରିବା ସହ କେନାଲ ଓ ପୋଖରି ଗୁଡିକରେ ପାଣି ଛାଡିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ନିମନ୍ତେ ସମସ୍ତ ଡାକ୍ତରଖାନାରେ ଶୀତତାପ ନିୟନ୍ତ୍ରିତ କକ୍ଷରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବା ସହ ପର୍ଯ୍ୟାପ୍ତ ପରିମାଣର ଓ .ଆର .ଏସ୍, ଜୀବନ ରକ୍ଷାକାରୀ ଔଷଧ ଓ ସାଲାଇନ ଗଛିତ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ

ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତର ଚିକିତ୍ସା ନିମନ୍ତେ ୨ଟି ଶୀତତାପ ନିୟନ୍ତ୍ରିତ କୋଠରୀ ରହିଛି । ଅଧିକ ୮ଟି ଶୀତତାପ ନିୟନ୍ତ୍ରିତ କକ୍ଷର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତିଙ୍କୁ ପରାମର୍ଶ ଦେଇଛନ୍ତି । ଏହାଛଡା ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନିୟୋଜିତ କରି ଅଂଶୁଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଛି । ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩.୩୦ ଘଟିକା ମଧ୍ୟରେ ଶ୍ରମିକମାନେ କାର୍ଯ୍ୟ କରିବା ଉପରେ ବାରଣ କରାଯାଇଛି । ଶ୍ରମିକମାନଙ୍କର କାର୍ଯ୍ୟସ୍ଥଳରେ ପର୍ଯ୍ୟାପ୍ତ ଥଣ୍ଡା ପାଣି ଏବଂ ଓ. ଆର. ଏସ୍ ଗଚ୍ଛିତ ରଖିବା ସହ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରୀବାହୀ ବସଗୁଡିକ ମଧ୍ୟ ଏହି ସମୟ ମଧ୍ୟରେ ଚଳା ଚଳ କରିବା ଉପରେ କଟକଣା କରାଯାଇଛି । ଏପ୍ରିଲ ୨ ତାରିଖରୁ ସକାଳ ୬.୩୦ ମିନିଟରୁ ୧୦.୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡିକ ସକାଳୁଆ ହେବ । ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଛାତ୍ର ଛାତ୍ରୀମାନଙ୍କୁ ସାଥିରେ ପାଣି ବୋତଲ ଓ ଛତା ନେଇ ଆସିବାକୁ ପ୍ରବର୍ତ୍ତାଇବେ । ଗ୍ରୀଷ୍ମ ଋତୁରେ ଅଗ୍ନିକାଣ୍ଡକୁ ନିରୋଧ କରିବା ନିମନ୍ତେ ଆବଶ୍ୟକ ଜନସଚେତନତା ସୃଷ୍ଟି କରିବା ସହ ଅଗ୍ନିଶମ କର୍ମଚାରୀମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅଗ୍ନିକାଣ୍ଡ ଘଟୁଥିବାର ଖବର ତୁରନ୍ତ ଟୋଲ ଫ୍ରି ନମ୍ବର ୧୦୧ରେ ଜଣାଇବାକୁ କୁହାଯାଇଛି । ଗତ ୨୦୧୬ ମସିହାରେ ଅଂଶୁଘାତରେ ସର୍ବାଧିକ ୧୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦୧୭ ମସିହାରେ ୫ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ୨୦୧୮ ମସିହାରେ ଅଦ୍ୟାବଧି ୫ ଜଣ ମୃତ୍ୟୁବରଣ କରିଛନ୍ତି । ଜିଲ୍ଲା ଜରୁରୀକାଳିନ କଣ୍ଟ୍ରୋଲ ରୁମର ଟେଲିଫୋନ ନମ୍ବର ୨୩୦୯୮୦, ଟୋଲ ଫ୍ରି ନମ୍ବର- ୧୦୭୭ ଓ ୨୩୦୨୩୪ ରେ ଅଂଶୁଘାତ ଜନିତ ସମସ୍ତ ଖବର ପ୍ରଦାନ କରିବାକୁ ଜଣାଇ ଦିଆଯାଇଛି । ଅଂଶୁଘାତ ସମୟରେ ସତର୍କତା ଅବଲମ୍ବନ କରିବା ଉପରେ ଏକ ସଚେତନତା ବାର୍ତ୍ତା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର ପତ୍ର ବଣ୍ଟନ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଡାକ୍ତରଖାନାରେ ଅଂଶୁଘାତରେ ମୃତ୍ୟୁବରଣ କଲେ ମେଡିକାଲ ଅଫିସର ଏହାର ପ୍ରମାଣ ପତ୍ର ଦେବେ । ଅନ୍ୟ ସ୍ଥାନରେ ମୃତ୍ୟୁବରଣ କଲେ ଉଭୟ ତହସିଲଦାର/ଅତିରିକ୍ତ ତହସିଲଦାର ଓ ମେଡିକାଲ ଅଫିସରଙ୍କ ଦ୍ୱାରା ଯୁଗ୍ମ ଭାବେ ତଦନ୍ତ କରାଯାଇ ୧୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦେଲେ ପ୍ରଭାବିତ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯିବ । ଅତିରିକ୍ତ ଜିଲ୍ଲାପାଳ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ । ଚଳିତ ବର୍ଷ ଗ୍ରାମ ପଂଚାୟତରୁ ଆରମ୍ଭ କରି ସହରାଂଚଳ ସମେତ ଜନସମାଗମ ସ୍ଥାନ,ବିଶ୍ରାମ କକ୍ଷ,ବସଷ୍ଟାଣ୍ଡ,ଧାର୍ମିକ ପିଠ ଓ ବଜାର ଗୁଡିକରେ ଜଳଛତ୍ର ଖୋଲିବା କାର୍ଯ୍ୟକୁ ବ୍ୟାପକ କରିବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ଅଂଶୁଘାତର ସଠିକ୍ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କର ସକ୍ରିୟ ସହଯୋଗ କାମନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର ତଥା ଜିଲ୍ଲା ଜରୁରୀକାଳିନ ଅଧିକାରୀ ଶ୍ରୀ ବୈଦୁରା ଦିପ୍, ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ,ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ପ୍ରଦୋଷ କୁମାର ଶତପଥିଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।


ଅଂଶୁଘାତର ପ୍ରତିକାର ଓ ଜଳ କଷ୍ଟ ନିରାକରଣ ନିମନ୍ତେ
ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ- ୨୦୧୯
ସ୍ଥାନ- ସମ୍ମିଳନୀ କକ୍ଷ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
ଆୟୋଜକ- ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଅନୁଗୋଳ

